**SAMPLE QUESTION PAPER FOR 1ST TERM**
**SUMMATIVE ASSESSMENT – I (2010-11)**
**CLASS – IX**
**SUB. – ODIA**

**Time Allowed : 3 Hours** **Maximum Marks : 80**

<u>ସୂଚନା</u>:-

ଏହି ପ୍ରଶ୍ନପତ୍ରରେ ଚାରୋଟି ବିଭାଗ ଅଛି ।

(କ) ପଠନ – Reading – 10 Marks

(ଖ) ଲିଖନ – Writing – 15 Marks

(ଗ) ବ୍ୟାକରଣ – Grammar – 15 Marks

(ଘ) ସାହିତ୍ୟ – Literature – 40 Marks

## 'କ' – ବିଭାଗ / Section – 'A' (10 Marks)

**1.** ନିମ୍ନଲିଖିତ ଅନୁଚ୍ଛେଦଟି ପଢ଼ି ପ୍ରଦତ୍ତ ପ୍ରଶ୍ନଗୁଡ଼ିକର ସଠିକ୍ ଉତ୍ତର ବାଛି ଲେଖ । (2 x 5 = 10)

ଆଧୁନିକ ଯୁଗକୁ ବିଜ୍ଞାନ ଯୁଗ କୁହାଯାଉଛି । ବିଜ୍ଞାନ ବିନା ମାନବ ସମାଜ ତିଷ୍ଠି ରହିପାରିବ ନାହିଁ ବୋଲି ଆମର ଧାରଣା । କିନ୍ତୁ ଆମର ପ୍ରାଚୀନ ଯୁଗର ଇତିହାସ ପର୍ଯ୍ୟାଲୋଚନା କଲେ ଜଣାଯାଏ, ଆଜି ପରି ବିଜ୍ଞାନର ବିନା ସହାୟତାରେ ବହୁ ଉନ୍ନତ ସଭ୍ୟତା ଗଢ଼ି ଉଠିଥିଲା । ସାମାଜିକ ମାନଦଣ୍ଡର ପୃଷ୍ଠଭୂମି କେବଳ ଭୋଗ ନୁହେଁ, ସାଧନା ଓ କର୍ମନିଷ୍ଠା ଉନ୍ନତ ସାମାଜିକ ଜୀବନର ପରିଚାୟକ । ଆଜିର ସମାଜ ଭୋଗ ସର୍ବସ୍ୱ । ଭୋଗରେ ହିଁ ବ୍ୟକ୍ତିର ସାମାଜିକ ସ୍ଥିତି କଳନା କରାଯାଏ । କିନ୍ତୁ ତ୍ୟାଗ କଥା ଭୁଲିଗଲେ ଭୋଗ ଅର୍ଥହୀନ ହୋଇପଡ଼େ । ବିଜ୍ଞାନର ଆଶୀର୍ବାଦ ଅଭିଶାପରେ ପରିଣତ ହୁଏ । ଜୀବନର ଲଳିତ ସ୍ୱଭାବଗୁଡ଼ିକ ହରାଇ ସାରିବା ପରେ ମଣିଷ ପଶୁ ପାଲଟି ଯାଏ । ସୁନ୍ଦର ଧରଣୀରେ ତାର ବଞ୍ଚିବା ଅନ୍ୟମାନଙ୍କପାଇଁ ଅବାଞ୍ଛିତ ମନେ ହୁଏ । ଏହି ଶିକ୍ଷା ମଣିଷ ନିଜ କର୍ମାନୁଭୂତିରୁ ପ୍ରାପ୍ତ ହେବା ଆବଶ୍ୟକ । ତା ହେଲେ ଯାଇ ତା'ର ତୃତୀୟ ଚକ୍ଷୁ ଉନ୍ମୀଳିତ ହେବ ଏବଂ ସେ ଜୀବନର ପ୍ରକୃତ ସ୍ୱାଦ ଉପଲବ୍ଧି କରିପାରିବ ?

ପ୍ରଶ୍ନ –

(କ) ଆଧୁନିକ ଯୁଗକୁ ବିଜ୍ଞାନଯୁଗ କୁହାଯାଇଛି କାହିଁକି ?

(i) ବହୁତ କଳକାରଖାନା ହୋଇଛି ।

(ii) ବଂଚିବା ପାଇଁ ଆଧୁନିକ ମଣିଷ ବିଶେଷଭାବରେ ବିଜ୍ଞାନ ଉପରେ ନିର୍ଭର କରୁଛି ।

(iii) ପୁରାତନ ଯୁଗପରେ ବିଜ୍ଞାନଯୁଗ କ୍ରମାନ୍ୱୟରେ ଆସେ ।

(iv) ବିଜ୍ଞାନପାଠ ଅନେକଙ୍କ ଦ୍ୱାରା ଆଦୃତ ହୋଇଛି ।

(ଖ) ଆମର ପ୍ରାଚୀନ ସଭ୍ୟତା ଉନ୍ନତ ଥିଲା କାହିଁକି ?

(i) ରାଜାମହାରାଜାମାନଙ୍କର ସହାୟତାରୁ ।

(ii) ସାଧବପୁଅମାନେ ବଣିଜ ବେପାର କରି ବିଦେଶରୁ ଧନସଂପଦ ବୋହି ଆଣୁଥିଲେ ।

(iii) ଲୋକମାନେ ସାଧନା ଓ ନିଷ୍ଠା ଉପରେ ବିଶ୍ୱାସ ରଖି କାମ କରୁଥିଲେ ।

(iv) ବାହାରର ଶତ୍ରୁମାନେ ଆକ୍ରମଣ କରୁ ନଥିଲେ ।

(ଗ) ବିଜ୍ଞାନର ଆଶୀର୍ବାଦ କେତେବେଳେ ଅଭିଶାପରେ ପରିଣତ ହୋଇଯାଏ ?

(i) ପ୍ରଳୟ କାଳରେ ।

(ii) ପରମାଣୁ ଆତଙ୍କର ଶିକାର ହେଲେ ।

(iii) ଦେଶ ଦେଶ ଭିତରେ ଯୁଦ୍ଧ ଲାଗିଲେ

(iv) ମଣିଷ ତ୍ୟାଗକୁ ଭୁଲି ଭୋଗସର୍ବସ୍ୱ ହୋଇପଡ଼ିଲେ ।

(ଘ) ମଣିଷ କେତେବେଳେ ଓ କାହିଁକି ପଶୁ ରୂପେ ପରିଗଣିତ ହୁଏ ?

(i) ହିଂସ୍ର ଆଚରଣ କଲେ ।

(ii) ପଶୁମାନଙ୍କୁ ଅବାଧରେ ଶିକାର କଲେ ।

(iii) ଜୀବନର କୋମଳ ସ୍ୱଭାବଗୁଡ଼ିକ ହରାଇ ଅମାନବୀୟ କର୍ମକୁ ଆଦରିନେଲେ ।

(iv) ବାରମ୍ବାର ଅନ୍ୟଦ୍ୱାରା ଆଘାତପ୍ରାପ୍ତ ହେଲେ ।

(ଙ) ମଣିଷ ଜୀବନର ପ୍ରକୃତ ସ୍ୱାଦ କିପରି ଉପଲବ୍ଧି କରିପାରିବ ?

(i) ବିପୁଳ ଧନସଂପଦର ଅଧିକାରୀ ହେଲେ ।

(ii) ଜାତୀୟସ୍ତରରେ ପୁରସ୍କୃତ ହେଲେ ।

(iii) ଛୋଟ ପରିବାରର ସଦସ୍ୟ ହୋଇଥିଲେ ।

(iv) ନିଜର ଆତ୍ମଜ୍ଞାନବଳରେ ଅମୃତମୟ ବିଶ୍ୱକୁ ଉପଲବ୍ଧି କରିପାରିଲେ ।

## 'ଖ' – ବିଭାଗ / Section – 'B' (15 Marks)

**2.** ଯେ କୌଣସି ଗୋଟିଏ ବିଷୟରେ ରଚନା ଲେଖ । (10)

(କ) ଭାରତର ଅର୍ଥନୈତିକ ସମସ୍ୟା

(ଖ) ଦେଖିଥିବା ଏକ ପ୍ରତ୍ନତାତ୍ତ୍ୱିକ କ୍ଷେତ୍ର

(ଗ) ଶୃଙ୍ଖଳା ହିଁ ପ୍ରଗତିର ଭିତ୍ତିଭୂମି

**3.** ଯେ କୌଣସି ଗୋଟିଏ ବିଷୟରେ ଦରଖାସ୍ତ ଲେଖ । (5)

(କ) ତୁମ ଅଞ୍ଚଳରେ ଅସାମାଜିକ ଲୋକମାନଙ୍କର ଦୌରାତ୍ମ୍ୟ ବଢ଼ିଛି । ନିରାକରଣ ପାଇଁ ଉଚ୍ଚ ପୋଲିସ କର୍ମକର୍ତ୍ତାଙ୍କ ପାଖକୁ ଏକ ଦରଖାସ୍ତ ଲେଖ ।

(ଖ) ତୁମେ ତୁମ ଶିକ୍ଷାନୁଷ୍ଠାନରେ ଏକ ବିଶେଷ କାର୍ଯ୍ୟକ୍ରମର ନେତୃତ୍ୱ ନେବାକୁ ଚାହୁଁଛ, ସେଥିପାଇଁ ଅଧ୍ୟକ୍ଷଙ୍କ ପାଖକୁ ଏକ ଦରଖାସ୍ତ ଲେଖ ।

## 'ଗ' – ବିଭାଗ / Section – 'C' (15 Marks)

4. (କ) ସନ୍ଧି ବିଚ୍ଛେଦ କର । (ଯେ କୌଣସି ୫ଟି) (5)

ପୂର୍ଣ୍ଣେନ୍ଦୁ, ମହେନ୍ଦ୍ର, ମନୋରଞ୍ଜନ, ପୁନରାଗମନ, ଦିଗ୍‌ବଳୟ, ଦୁର୍ଯୋଗ, ନୀରସ

ଠିକ୍ ଉତ୍ତର ବାଛି ଲେଖ –

(ପୂର୍ଣ୍ଣେ + ନ୍ଦୁ, ପୂର୍ଣ୍ଣ + ଇନ୍ଦୁ, ମହୀ + ଇନ୍ଦ୍ର, ମହା + ଇନ୍ଦ୍ର,
ମନୋ + ରଞ୍ଜନ, ମନଃ + ରଞ୍ଜନ, ପୁନରା + ଗମନ, ପୁନଃ + ଆଗମନ,
ଦିକ୍ + ବଳୟ, ଦିଗ୍ + ବଳୟ, ଦୁଃ + ଯୋଗ, ଦୁର୍ + ଯୋଗ,
ନିର୍ + ରସ, ନିଃ + ରସ)

(ଖ) ବିପରୀତାର୍ଥବୋଧକ ଶବ୍ଦ ଲେଖ । (ଯେ କୌଣସି ୫ଟି) (5)

ମାନ, ପ୍ରଶସ୍ତ, ଜୁଆର, ପ୍ରବୃତ୍ତି, ଅପଚୟ, ଐହିକ, ମୂକ

ଠିକ୍ ଉତ୍ତର ବାଛି ଲେଖ –

(ଭଙ୍ଗା, ଢ଼େଉ, ସମ୍ମାନ, ଅପମାନ, ସଂକୀର୍ଣ୍ଣ, ନିବୃତ୍ତି,
ଆବୃତ୍ତି, ନିଶ୍ଚୟ, ଉପଚ୍ୟ, ଦୈନିକ, ମୁଖରା, ବାଚାଳ)

(ଗ) ଗଠନରୀତି ଦର୍ଶାଅ । (ଯେ କୌଣସି ୫ଟି) (5)

ଗତ, ସ୍ଥାନ, ଶାନ୍ତି, ସ୍ଥାୟୀ, ଖେଳାଳି, ମାଗୁଣି, ଫଳନ୍ତି

ଠିକ୍ ଉତ୍ତର ବାଛି ଲେଖ –

(ଗମ୍ + ତ, ଗତ + ଅ, ସ୍ଥାନ୍ + ନ, ସ୍ଥା + ଅନ,
ଶାନ୍ + ତି, ଶମ୍ + ତି, ସ୍ଥା + ଇ, ସ୍ଥା + ଇନ୍,
ଖେଳ୍ + ଆଳି, ଖେଳା + ଆଳି, ମାଗ୍ + ଉଣି, ମାଗ + ଅଣି,
ଫଳ + ଅନ୍ତି, ଫଳ୍ + ଅନ୍ତି)

## 'ଘ' – ବିଭାଗ / Section – 'D' (40 Marks)

5. ଯେ କୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଲେଖ । (7)

(କ) ପ୍ରକୃତ ଶିକ୍ଷା କ'ଣ ? ପଠିତ ପ୍ରବନ୍ଧ ଅନୁସରଣରେ ଲେଖ ।

(ଖ) ବିଭିନ୍ନ ଧର୍ମରେ ତ୍ୟାଗର ମହିମା କିପରି ପ୍ରକଟିତ ହୋଇଛି ବର୍ଣ୍ଣନା କର ।

6. ସପ୍ରସଙ୍ଗ ସରଳାର୍ଥ ଲେଖ । (ଯେ କୌଣସି ଗୋଟିଏ) (5)

(କ) ପୃଥିବୀ ଯନ୍ତାର ଦ୍ୱାରଦେଶରେ ପହଞ୍ଚିଛି ।

(ଖ) ସୃଷ୍ଟି ପ୍ରକ୍ରିୟା ହିଁ ତ୍ୟାଗ ନୀତି ଉପରେ ପ୍ରତିଷ୍ଠିତ ।

7. ପ୍ରତ୍ୟେକ ପ୍ରଶ୍ନ ତଳେ ଦିଆଯାଇଥିବା ଉତ୍ତରଗୁଡ଼ିକ ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ । (10 x 1 = 10)

(କ) କେଉଁ ସମୟରେ ମନୁଷ୍ୟର ଜିଜ୍ଞାସାବୃତ୍ତି ଅତ୍ୟନ୍ତ ପ୍ରବଳ ଥାଏ ?
(ବୃଦ୍ଧ କାଳରେ, ବାଲ୍ୟ କାଳରେ, ଯୌବନରେ)

(ଖ) ଶିଶୁକୁ ମନୁଷ୍ୟ କରିବାର ଭାର ଅଧିକାଂଶ ପରିମାଣରେ କାହାଉପରେ ନିର୍ଭର କରିଥାଏ ?
(ବାପା-ମା, ଶିକ୍ଷକ, ସରକାର)

(ଗ) ମନୁଷ୍ୟର କାର୍ଯ୍ୟ ଦେଖି କିଏ ଅବାକ୍ ହେଉଛି ?
(ଭଗବାନ, ସମାଜ, ମନୁଷ୍ୟ)

(ଘ) ତ୍ୟାଗ ପ୍ରବନ୍ଧରେ ଯେଉଁ ବାଳକଟି ସମସ୍ତଙ୍କ ପାଇଁ ଆଦର୍ଶ ପାଲଟିଗଲା ତା'ର ନାମ କ'ଣ ?
(ଆଲେକ୍‌ଜାଣ୍ଡାର, ସିମ୍ପସନ, ରବର୍ଟ ବ୍ରୁଶ)

(ଙ) ଯେଉଁ ଜାହାଜଟି ପ୍ରାଚ୍ୟଦେଶରୁ ଇଉରୋପକୁ ଫେରୁଥିଲା ତାର ନାମ କ'ଣ ?
(ଟାଇଟନିକ୍, ସାଗର କନ୍ୟା, ବାରକେନ୍ ହେଡ୍)

(ଚ) 'ମତେ ନେଇଯାଅ' – ଏ ଚିତ୍କାର କେଉଁଠି ଶୁଣାଗଲା ?
(ଶୂନ୍ୟରେ, ରାଜଦରବାରରେ, ନୌକା ନିକଟରେ)

(ଛ) 'ତାକୁ ରକ୍ଷା କର' – ଏ କଥା କିଏ କହିଲେ ?
(ନାବିକ, ବନ୍ଧୁ, ରମଣୀ)

(ଜ) କେତେ ବର୍ଷ ଧରି ମଣିଷ ପୃଥିବୀରେ ବଞ୍ଚିଛି ?
(ପନ୍ଦରଶହ ବର୍ଷ, ତିନିହଜାର ବର୍ଷ, ଲକ୍ଷେ ବର୍ଷ)

(ଝ) କେଉଁ ଅଞ୍ଚଳରେ ପୃଥିବୀ ଉତ୍ତପ୍ତ ହୋଇ ଗ୍ଲେସିଅର ତରଳି ଯିବ ?
(ସମୁଦ୍ର, ମେରୁ, ପର୍ବତ)

(ଞ) ବିଶେଷତଃ କେଉଁମାନେ ରାଜନୀତିବାଲାଙ୍କୁ ହାତମୁଠାରେ ରଖିଛନ୍ତି ?
(ଲୋକମାନେ, ସରକାରୀ କର୍ମଚାରୀ, ଶିଳ୍ପପତି)

8. ସପ୍ରସଙ୍ଗ ସରଳାର୍ଥ ଲେଖ । (ଯେ କୌଣସି ଗୋଟିଏ) (5)

(କ) ଏ ରୂପେ ସ୍ନେହ ଅବଲମ୍ବି,
ସଂସାରେ ବନ୍ଦୀ ଯେ କୁଟୁମ୍ବୀ ।

(ଖ) ଦରିଦ୍ରପଣେ ଏ ଭିକ ମାଗି ବୁଲୁଥିଲେ,
ଅନ୍ୟାୟ କରିଣ ଏବେ ସଂପଦ ପାଇଲେ ।

9. ପ୍ରତ୍ୟେକ ପ୍ରଶ୍ନ ତଳେ ଦିଆଯାଇଥିବା ଉତ୍ତରଗୁଡ଼ିକ ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ । (8 x 1 = 8)

(କ) କେଉଁ ପର୍ବତରେ ସଦାଶିବ ଅଧିଷ୍ଠାନ କରିଥିଲେ ?
(କପିଳାସ, ମେଘାସନ, କାଳିଞ୍ଜୀନ)

(ଖ) ସିଂହଦ୍ୱାରରେ କିଏ ଗୁହାରୀ କରିବା ପାଇଁ ଅପେକ୍ଷା କରିଥିଲା ?
(ଲକ୍ଷ୍ମଣ, ଦ୍ୱାରପାଳ, ଶ୍ୱାନ)

(ଗ) ବ୍ରାହ୍ମଣଟିର ନାମ କ'ଣ ?
(ବିପ୍ରବର, ପରମସିଦ୍ଧ, ପରିଛା)

(ଘ) 'ଏଣୁ କପୋତ ଗୁରୁ ମୋର' କବିତାର କବି କିଏ ?
(ଅବଧୂତ, ଜଗନ୍ନାଥ ଦାସ, ଶୁକମୁନି)

(ଙ) କିଏ କପୋତ ପକ୍ଷୀକୁ ଗୁରୁ ମନେ କରନ୍ତି ?
(ଯଦୁରାଜା, ଅବଧୂତ, ବ୍ୟାଧ)

(ଚ) ଚାରିଦଉଡ଼ିର ଅର୍ଥ କ'ଣ ?
(ଅସୀମ କ୍ଷମତା, ଧର୍ମ-ଅର୍ଥ-କାମ-ମୋକ୍ଷ, ସାଂସାରିକ ବନ୍ଧନ)

(ଛ) 'ସବୁଥିରୁ ବଂଚିତ କରି' କବିତାଟି କବିଙ୍କର କେଉଁ ସଂକଳନରୁ ଗୃହୀତ ?
(ଗୀତାଞ୍ଜଳୀ, ଜୀବନ ସଂଗୀତ, ଚନ୍ଦ୍ରହାସ ଚମ୍ପୂ)

(ଜ) ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କର ଏକମାତ୍ର ଉପନ୍ୟାସର ନାମ କ'ଣ ?
(ମାମୁଁ, ଅନ୍ଧମୁହାଁଣି, କଣା ମାମୁ)

10. ଯେ କୌଣସି ଗୋଟିଏ ପ୍ରଶ୍ନର ଉତ୍ତର ସଂକ୍ଷେପରେ ଲେଖ । (5)

(କ) ଡାକମୁନ୍‌ସି ଗଳ୍ପରୁ ଆମେ କି ଶିକ୍ଷା ଲାଭ କଲେ ?

(ଖ) ବାଙ୍କାକୁ କିଭଳି ଭାବରେ ତାଲିମ୍ ଦିଆଯାଇଥିଲା ?

(ଗ) ବିମଳା ଦେଈଙ୍କର ବୋହୂ ପ୍ରତି କିପରି ମନୋଭାବ ଥିଲା ?

◎◎◎